# Akashvani, Sambalpur

## SAMBALPURI NEWS MORNING BULLETIN

## 19 February 2026 - 6.47- 6.52 am.

---

ଭାରତ ଏଆଇ ଇମ୍ପେକ୍ଟ ସମ୍ମିଳନୀ          ଏନ୍ଏସ୍ଡି

ନୂଆଦିଲ୍ଲୀର୍ ଭାରତ ମଣ୍ଡପମ୍ ନ ଚାଲିଥିବା ଭାରତ ଏଆଇ ଇମ୍ପେକ୍ଟ ସମ୍ମିଳନୀ-୨୦୨୬କେ ଆଏଜ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଆନୁଷ୍ଠାନିକ୍ ଭାବେ ଉଦ୍ଘାଟନ୍ କର୍ବେ । ସମ୍ମିଳନୀଥି କେନ୍ଦ୍ର ସୂଚ୍ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ୱେଭ୍ସ କ୍ରିଏଟର୍ କର୍ଣ୍ଣର୍ ର ଉଦ୍ଘାଟନ୍ କରିଛନ୍ । ୱେଭ୍ସ କ୍ରିଏଟର୍ କର୍ଣ୍ଣର୍ ୱେଭ୍ ଏକ୍ସ, ୱେଭ୍ ବଜାର୍ ଆଉ କ୍ରିଏଟ୍ ଇନ୍ ଇଣ୍ଡିଆ ବାଗିର୍ ଚେଲେଞ୍ଜର ପ୍ରଚାରଣ ଆଉ ପ୍ରସାର୍ କର୍ବା ।

ବିଧାନ ସଭା          ଆର୍ଏନ୍ୟୁ/ ସମ୍ବଲପୁର

ବିଧାନ ସଭାର୍ ବଜେଟ୍ ଅଧିବେଶନ୍‌ଥି ଆଏବାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍‌ବେ । ବଜେଟ୍ ଉପସ୍ଥାପନ୍ କର୍‌ବାର୍ ଆଗୋନୁ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ଅଂଶୀଦାର୍, ବିଶେଷଜ୍ଞ ଆଉ ଅର୍ଥନୀତିଜ୍ଞମାନ୍‌କର ପରାମର୍ଶ ନେଇଥିଲେ ।

ସେଆଢ଼େ ବିରୋଧି ସଦସ୍ୟମାନ୍‌କର ହୋ-ହଲ୍ଲା ଲାଗି ଗଲାକାଏଲ୍ ବିଧାନ ସଭା ନ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଇଥିଲା । ବିରୋଧିଙ୍କର କିର୍ଲାଗଗା ଭିତ୍‌ରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ରାଏକେ ଧାନ୍ ଘିନାର୍ ଥିତିକେ ନେଇକରି ସଦସ୍ୟମାନ୍‌କର ଭିନ୍ ଭିନ୍ ପ୍ରଶ୍ନର୍ ଉତର ରଖିଥିଲେ ।

ସଚିବ ସ୍ତରୀୟ ବୈଠକ୍          ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଖାରବେଳ ଭବନ୍ ନ ଗଲାକାଏଲ୍ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବିକଶିତ ଓଡ଼ିଶା ୨୦୩୬ ଆଉ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ୍ ଲାଗି ତିଆର୍ ହେଇଥିବା ୨ ବଛ୍‌ରିଆ

ଏକ୍ସନ୍ ପ୍ଲାନ୍‌ର କାର୍ଯ୍ୟକାରିତାର୍ ନିୟମିତ୍ ସମୀକ୍ଷା ଆଉ ଇତାକେ ନେଇକରି ତିଆର୍ ହେଇଥିବା ଧାରିଜ୍ ପ୍ରମୁଖ ପ୍ରଦର୍ଶନ୍ ସୂଚକାଙ୍କ-କେପିଆଇକେ  ସରଲ୍ କରି କରି କାମ୍ କର୍‌ବାର୍ ଲାଗି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ ।

ବୈଠକ୍‌ଥି ମୁଖ୍ୟ ଶାସନ କହିଛନ୍, ନୂଆ ସରକାର ଗଠନ୍ ହେବାର୍ ଉତ୍‌ରୁ ରାଏଜେ ୩୯ ହଜାର ୫ ଶହ ଝନ୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ଆଏବା ଜୁନ୍ ମାସ୍‌ତକ୍ ୬୫ ହଜାର ନିଯୁକ୍ତି ଦେବାର୍‌କେ ସରକାର ଲକ୍ଷ୍ୟ ରଖିଛନ୍ । ଆଏବା ୩ ମାସ୍ ଭିତ୍‌ରେ ଆଉ ୩୪ ହଜାର ୬ ଶହ ୪୧ ନିଯୁକ୍ତି ଲାଗି ଭିନ୍ ଭିନ୍ ନିଯୁକ୍ତି ଆୟୋଗ୍‌କେ ଅନୁରୋଧ କରାଯାଇଛେ ବଲି ମୁଖ୍ୟ ଶାସନ ସଚିବ କହିଛନ୍ ।

ମୁଖ୍ୟ ଶାସନ ସଚବି ସମୀକ୍ଷା        ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଲାକାଏଲ୍ ସବୁ ଜିଲ୍ଲାର ଜିଲ୍ଲାପାଲମାନ୍‌କର ସଙ୍ଗେ ଆଭାସୀ ଜରିଏ ଜିଲ୍ଲାସ୍ତରଥି କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଯୋଜ୍‌ନା ଆଉ ଉନ୍ନୟନ୍ ପ୍ରକଳ୍ପର୍ ସମୀକ୍ଷା କରିଛନ୍ । ବୈଠକ୍‌ଥି ଭିନ୍ ଭିନ୍ ବଛ୍‌ରେ ମଞ୍ଜୁର

ହେଇଥିବା ବିଧାୟକ ଆଂଚଳିକ ବିକାଶ ପାଣ୍ଠି ଆଉ ସାଂସଦ ଆଂଚଳିକ ବିକାଶ ପାଣ୍ଠି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ବାଗିର୍ ଯୋଜ୍‌ନାଥି ହେଇଥିବା ଅର୍ଥମଞ୍ଜୁର ଆଉ କାମ୍‌କାଜ୍‌ର ସମୀକ୍ଷା କରାଯାଇଛେ । କାମ୍‌ମାନେ ସମିଆ ଜାନି ତୁର୍‌ତି ସାର୍‌ବାର୍‌କେ ଇ ଅବ୍‌ସରେ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳମାନ୍‌ଙ୍କୁ ପରାମର୍ଶ ଦେଇଛନ୍ ।

ଦକ୍ଷତା ବିକାଶ-ବୁଝାମଣାପତ୍ର ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର ୨୨ଟା ସରକାରୀ ଆଇଟିଆଇକେ ସେଂଟର୍ ଅଫ୍ ଏକ୍ସଲେନ୍ସ- ଦକ୍ଷତା ବିକାଶ କେନ୍ଦ୍ର ଭାବେ ରୁପାନ୍ତରଣ କର୍‌ବାର୍ ଲାଗି ଗଲାକାଏଲ୍ ରାଜ୍ୟ ସରକାର ଆଉ ଟାଟା ଟେକ୍ନୋଲୋଜି ଭିତ୍‌ରେ ୪ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ୩ଟା ବୁଝାମଣାପତ୍ର ଭିଲ୍ ବିନିମୟ କରାଯାଇଥିଲା । ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ର ନ ହେଇଥିବା ବୁଝାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ୍‌ଥି ଶିଳ୍ପ ଆଉ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ୍

ଦେଇକରି କହିଛନ୍, ରାଜ୍ୟର୍ ଯୁଆନ୍ ପିଢ଼ିକେ ଶିଳ୍ପ ଉପଯୋଗୀ କର୍ବାରକେ ସରକାର ପ୍ରାଥମିକତା ଦଉଛନ୍ ।

ଦକ୍ଷତା ବିକାଶ-ବୁଝାମଣାପତ୍ର      ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର ୨୨ଟା ସରକାରୀ ଆଇଟିଆଇକେ ସେଂଟର୍ ଅଫ୍ ଏକ୍ସଲେନ୍ସ- ଦକ୍ଷତା ବିକାଶ କେନ୍ଦ୍ର ଭାବେ ରୁପାନ୍ତରଣ କର୍ବାର୍ ଲାଗି ଗଲାକାଏଲ୍ ରାଜ୍ୟ ସରକାର ଆଉ ଟାଟା ଟେକ୍ନୋଲୋଜି ଭିତ୍ରେ ୪ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍ସରେ ୩ଟା ବୁଝାମଣାପତ୍ର ଭିଲ୍ ବିନିମୟ କରାଯାଇଥିଲା । ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ର ନ ହେଇଥିବା ବୁଝାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ୍ଥି ଶିଳ୍ପ ଆଉ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ୍ ଦେଇକରି କହିଛନ୍, ରାଜ୍ୟର୍ ଯୁଆନ୍ ପିଢ଼ିକେ ଶିଳ୍ପ ଉପଯୋଗୀ କର୍ବାରକେ ସରକାର ପ୍ରାଥମିକତା ଦଉଛନ୍ ।

ମେଟ୍ରିକ୍ ବୋର୍ଡ଼      କଟକ୍ ସମ୍ବାଦଦାତା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତରଫ୍ରୁ ଆଏଜ୍ଠାନୁ -୨୦୨୬ ବଛର୍ ଲାଗି ମେଟ୍ରିକ୍ ବୋର୍ଡ୍ ପରୀକ୍ଷା ମୁଲ୍ ହେଉଛେ । ପରୀକ୍ଷା ମାର୍ଚ୍ଚ ୨ ତାରିଖ୍ତକ୍ ଚାଲ୍ବା । ମେଟ୍ରିକ୍ ସଙ୍ଗେ ରାଜ୍ୟ ମୁକ୍ତ ବିଦ୍ୟାଲୟ ସାର୍ଟିଫିକେ୍ ପରୀକ୍ଷା ଆଉ ସଂସ୍କୃତ୍ ମଧ୍ୟମା ପରୀକ୍ଷା ଭିଲ୍ ହେବା । ଇ ବଛର୍ ରାଏଜେ ୩ ହଜାର୍ ୮୨ ଟା କେନ୍ଦ୍ର ନ ୫ ଲାଖ୍ ୬୧ ହଜାର୍ ୯ ଶହ ୭୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସକାଲର୍ ୯ ବଜେନୁ ସାଢ଼େ ୧୧ ବଜେତକ୍ ପରୀକ୍ଷା ଚାଲ୍ବା । ୩ ଶହ ୨୨ ଟା ନୋଡ଼ାଲ୍ କେନ୍ଦ୍ର ନ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍ରେ ପ୍ରଶ୍ନପତ୍ର ରଖାଯାଇଛେ । ପରୀକ୍ଷାକେ ନିର୍ଭୁଲ୍ ଭାବେ କର୍ବାର୍ ଲାଗି ପରିଷଦ୍ ତର୍ଫୁ ସବୁ ପ୍ରକାର୍ ପ୍ରସ୍ତୁତି ଶେଷ୍ ହେଇଯାଇଛେ ବଲି ପରିଷଦ୍ର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଉ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରୀକ୍ଷାର୍ଥୀମାନ୍ଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ନିଯୁକ୍ତି ମେଳା ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ଦକ୍ଷତା ବିକାଶ୍ ନିୟୋଜନ କାର୍ଯ୍ୟାଳୟ ତର୍‌ଫୁ ଆଏଜ୍ ସହରର୍ ଅଇଁଠାପାଲି ବିର୍ସାମୁଣ୍ଡା ପଡ଼ିଆ ନ ନିଯୁକ୍ତି ମେଳାର୍ ଆୟୋଜନ୍ କରାଯାଉଛେ । ମେଳାଥି ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ଘରୋଇ ସଂସ୍ଥା ଯୋଗ୍ ଦେବେ । ଇ ଅବ୍‌ସରେ କେତେ ସଂସ୍ଥା ସିଧାସଲଖ୍ ନିଯୁକ୍ତି ଦେବେ ଆଉ କେତେ ସଂସ୍ଥା ନିଯୁକ୍ତି ଭିତିକ୍ ତାଲିମ୍ ଦେଇକରି ତାର୍ ଉତ୍‌ରୁ ନିଯୁକ୍ତି ଦେବେ । ଜିଲ୍ଲାର୍ ୮ ଶ୍ରେଣୀ ପାସ୍‌ନୁ ମୁଲ୍ କରିକରି ଆଇଟିଆଇ, ଡିପ୍ଲୋମା, ବିଟେକ୍ ପାଠ୍‌ପଢ଼ିଥିବା ୧୮ ନୁ ୩୫ ବଛର୍ ବୟସ୍କ ନିଯୁକ୍ତି ଆଶାୟୀ ୟୁଆନ୍ ପିଲା ଟୁକେଲ୍‌ମାନେ ଇଥି ଭାଗ୍ ନେଇପାର୍‌ବେ । ଆଶାୟୀମାନେ ନିଜର୍ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ୍‌ପତ୍ର ସହେତେ ଦିନର୍ ୧୦ ବଜେ ବିର୍ସାମୁଣ୍ଡା ପଡ଼ିଆ ନ ଉପସ୍ଥିତ୍ ରହେବାର୍‌କେ ପ୍ରଶାସନ୍ ତର୍‌ଫୁ କୁହାଯାଇଛେ ।

ଡାକ୍ତରଖାନା ସମୀକ୍ଷା ବୈଠକ୍ ଆଇ.ଆଣ୍ଡ.ପି.ଆର୍

ନୂଆପଡ଼ା ଜିଲ୍ଲାର ସରକାରୀ ହୋମିଓପାଥି ଚିକିତ୍ସାଳୟ ଆଉ ସରକାରୀ ଆୟୁର୍ବେଦିକ୍ ଚିକିତ୍ସାଳୟ ମାନ୍କର ଉନ୍ନତି ଲାଗି ଗଲାକାଏଲ୍ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ ମଧୁସୂଦନ୍ ଦାଶଙ୍କର ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଡାକ୍ତରଖାନାମନ୍କର ବିକାଶ ସହେତେ ଭିନ୍ ଭିନ୍ ସମସ୍ୟା ବାବ୍ଦେ ଆଲୋଚନା କରାଯାଇଥିଲା ।

ଇଙ୍କ୍ ଫେଷ୍ଟ            ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ରୟାଲ୍ ପଡ଼ିଆ ନ ଚାଲିଥିବା ଜିଲ୍ଲାସ୍ତରୀୟ ପୁସ୍ତକ ମେଳା ଇଙ୍କ୍ ଫେଷ୍ଟ-୨୦୨୬ଥି ଗଲାକାଏଲ୍ 'ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାଥି ଅଭିଭାବକତ୍ୱ' ଶୀର୍ଷକ କଥାଚକ୍ର ହେଇଥିଲା । ଇଛ୍ନିର ସମିଆଥି ସାମାଜିକ୍ ବ୍ୟବସ୍ଥାକେ ନଜର୍ଥି ରଖିକରି ଛାତ୍ରଛାତ୍ରୀଙ୍କର ନୈତିକ୍ ଶିକ୍ଷା, ଭଲ୍ ପରିବେଶ୍ ଆଉ ସେମାନ୍କର ପାଖେ ଥିବା ପ୍ରତିଭାର ଚିହ୍ନଟ୍ ଆଉ ବିକାଶ ସବୁ ସମସ୍ୟାର୍ ସମାଧାନର୍ ସୂତ୍ର ବଲି ଇ ଅବ୍ସରେ ଆଲୋଚକମାନେ କହିଛନ୍ ।

## ହାଓ୍ୱଡ଼ା-ଟିଟିଲାଗଡ଼-ହାଓ୍ୱଡ଼ା ଟ୍ରେନ୍ ସମ୍ପ୍ରସାରଣ

ଆର୍ଏନ୍ୟୁ/ ସମ୍ବଲପୁର

ହାଓ୍ୱଡ଼ା-ଟିଟିଲାଗଡ଼-ହାଓ୍ୱଡ଼ା ଇସ୍ପାତ୍ ଏକ୍ସପ୍ରେସ୍‌କେ ଜୁନାଗଡ଼ ରୋଡ୍ ତକ୍ ସମ୍ପ୍ରସାରିତ୍ କରାଯାଇଛେ । ଜୁନାଗଡ଼ ରୋଡ୍ ଆଉ ଟିଟିଲାଗଡ଼ ଭିତ୍ରର୍ ସମ୍ପ୍ରସାରିତ୍ ଭାଗ୍‌କେ ଆଏଜ୍ ଉଦ୍‌ଘାଟନ୍ କରାଯିବା । ଆଏବା ଶନିବାର୍‌ଠାନୁ ହାଓ୍ୱଡ଼ା-ଟିଟିଲାଗଡ଼ ଏକ୍ସପ୍ରେସ୍ ଟ୍ରେନ୍ ହାଓ୍ୱଡ଼ାନୁ ଜୁନାଗଡ଼ ରୋଡ୍‌ତକ୍ ଚାଲ୍‌ବା । ସେନ୍ତା ଟିଟିଲାଗଡ଼-ହାଓ୍ୱଡ଼ା ଏକ୍ସପ୍ରେସ୍ ଟ୍ରେନ୍ ଆଏବା ରଏବାର୍ ଦିନୁ ମୁଲ୍ ହେବା । ପଶ୍ଚିମ ଓଡ଼ିଶା ନ ରେଲ୍ ସଂଯୋଗ୍‌କେ ବର୍‌କସ୍ କର୍‌ବାର୍ ଦିଗେ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ହେବା ବଲି କୁହାଯାଉଛେ ।